The 'Samaj' Daily Odia Newspaper

# ‘ଭାରତର ପ୍ରଥମ ଧ୍ୱନିବିଜ୍ଞାନ ଗବେଷକ ଗୋଲୋକ ବିହାରୀ’

## ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଶତବାର୍ଷିକ ସମାରୋହ




କଟକ,୧୬।୪(ଆ.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଜନ୍ମ ଶତବାର୍ଷିକ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ଉଇଜଡମ୍ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଅସୀମା ସାହୁ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାଷାତତ୍ତ୍ୱବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ପ୍ରଫେସର ଧଳ ଭାରତର ପ୍ରଥମ ଧ୍ୱନିବିଜ୍ଞାନ ଗବେଷକ। ସେ ଭାଷାବିଜ୍ଞାନ ଗବେଷଣା କ୍ଷେତ୍ରରେ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପରିଚିତ ଓ ପ୍ରତିଷ୍ଠିତ କରିପାରିଥିଲେ। ସମ୍ମାନିତ ଅତିଥି ଭାରତ ସରକାରଙ୍କ ପ୍ରାକ୍ତନ ମୁଖ୍ୟ ସୂଚନା ଆୟୁକ୍ତ ସତ୍ୟାନନ୍ଦ ମିଶ୍ର ପ୍ରଫେସର ଧଳଙ୍କ ଭାଷାବିଜ୍ଞାନ ଗବେଷଣାଧାରାକୁ ନୂତନ ମାର୍ଗ ପ୍ରଦର୍ଶନ କରିଥିଲା ବୋଲି କହିଥିଲେ। ପ୍ରଫେସର ବିଜୟ କୁମାର ଶତପଥୀ ମୂଳ ଭାଷଣ ପ୍ରଦାନ ପୂର୍ବକ ଗୋଲୋକ ବିହାରୀଙ୍କ ଜୀବନୀ ଓ ସାମଗ୍ରିକ କୃତି ଉପରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇ ଗୋଲୋକ ବିହାରୀଙ୍କ ସାହିତ୍ୟ ସାଧନା ଅନନ୍ୟ ବୋଲି କହିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାରେ ଅଧ୍ୟକ୍ଷତା କରି ଗୋଲୋକ ବିହାରୀ ଧଳ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ବିରଳ ଭାଷାବିଜ୍ଞାନୀ ଥିଲେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଜ୍ଞାନୀ ଦେବାଶିଷ ମିଶ୍ର ଆଲୋଚନାଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଏହାପରେ ପ୍ରଥମ ବୈଷୟିକ ଅଧିବେଶନରେ ଅସିତ ମହାନ୍ତି ଅଧ୍ୟକ୍ଷତା କରି ଗୋଲୋକ ବିହାରୀ ଧଳଙ୍କ ଅନୁବାଦ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଡକ୍ଟର ବେଣୁଧର ପାଢ଼ୀ, ଡକ୍ଟର ଚନ୍ଦ୍ର ଭୂଷଣ ନନ୍ଦ ଓ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଯଥାକ୍ରମେ ପ୍ରଫେସର ଧଳଙ୍କ ଭ୍ରମଣ ସାହିତ୍ୟ, ପ୍ରବନ୍ଧ ସାହିତ୍ୟ ଓ ଶିଶୁ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଭାଷା ଚର୍ଚ୍ଚା ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ଡକ୍ଟର ରାଜା କୁମାର ନାୟକ, ଡକ୍ଟର ସଂଘମିତ୍ରା ବେହେରା ପ୍ରଫେସର ଧଳଙ୍କ ଭାଷାବିଜ୍ଞାନ ଚର୍ଚ୍ଚାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର ସମ୍ପାଦକ ଦେବାଶିଷ ମୁହୁଲି, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡକ୍ଟର ପ୍ରଦୀପ୍ତ କୁମାର ଏବଂ ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ଆଶିଷ କୁମାର ସାହୁ ବିଭିନ୍ନ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡକ୍ଟର ବିଜୟଲକ୍ଷ୍ମୀ ଦାଶ, ସରୋଜ ସ୍ୱାଇଁ, ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ଓ ଲୋକନାଥ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସନ୍ଧ୍ୟାରେ ଆୟୋଜିତ ପ୍ରବାସୀମଞ୍ଚ କାର୍ଯ୍ୟକ୍ରମରେ କାନାଡ଼ାର ସମାଜସେବୀ ତଥା ସୁଲେଖିକା ସୁନନ୍ଦା ମିଶ୍ରପଣ୍ଡା ବିଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ପ୍ରବାସୀମାନଙ୍କର ବିଶେଷ ଆନ୍ତରିକତା ରହିଛି ଓ ଶ୍ରୀଜଗନ୍ନାଥ ସଂସ୍କୃତିର ମହିମା ସମଗ୍ର ବିଶ୍ୱରେ ଉପଲବ୍ଧି କରିହୁଏ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।